# ପିଲାମାନଙ୍କ ପାଇଁ ବାଇବଲ

## ଉପହାର

# ଏକ ଅତି ଆଦରର ପୁତ କ୍ରୀତଦାସ ହୋଇଗଲା




ଲେଖକ: Edward Hughes

ଦୃଷ୍ଟାନ୍ତ: Byron Unger; Lazarus

ଅନୁବାଦକ: Prasanta Bhuyan

ଉପ୍ଯୋଜକ: M. Kerr; Sarah S.



କାହାଣି ୬୦ ରୁ ୭

www.M1914.org

**Bible for Children,** *PO Box 3, Winnipeg, MB R3C 2G1 Canada*



ଅନୁମତି ସୂତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି, ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଓଡ଼ିଆ

Oriya

ଇସ୍‌ହାକ ବହୁତ ଆନନ୍ଦରେ ଥିଲେ । ତାଙ୍କର ପୁତ୍ର ଯାକୁବ ଘରକୁ ଫେରିଥିଲେ । ଏପରି କି ଏଷୌ ନିଜେ ଯାକୁବଙ୍କୁ ନିଜ ଭାଇଙ୍କୁ ସ୍ୱାଗତ କଲେ ଯେ ଏକ ସମୟରେ ତାଙ୍କୁ ହତ୍ୟା କରିବାକୁ ପ୍ରତିଜ୍ଞା କରିଥିଲେ । କିନ୍ତୁ ଯାକୁବଙ୍କ ପୁତ୍ରମାନେ, ଯୋଶେଫ୍ ସେମାନଙ୍କର ସାନ ଭାଇଙ୍କ ପାଇଁ ଖୁସିରେ ନଥିଲେ, ଯେ କି ପିତାଙ୍କର ଅତି ଆଦରର ସନ୍ତାନ ଥିଲେ ।





1

ଯୋଶେଫଙ୍କର ଭାଇମାନେ ତାଙ୍କ ଉପରେ ଅତ୍ୟନ୍ତ କ୍ରୋଧିତ ହେଲେ ଯେତେବେଳେ ସେମାନେ ତାଙ୍କର ସ୍ୱପ୍ନ ବିଷୟରେ ଶୁଣିଲେ । ମୋର ଗହମ ବିଡ଼ା ଛିଡ଼ା ହୋଇଗଲା ଓ ମୋ ଭାଇମାନଙ୍କ ବିଡ଼ା ଗୁଡ଼ିକ ମୋ ବିଡ଼ାକୁ ସମ୍ମାନ ସହକାରେ ପ୍ରଣାମ କଲେ, ଯୋଶେଫ୍ କହିଲେ । ସେହି ସ୍ୱପ୍ନର ଉତ୍ତର ଥିଲା ଯେ ଯୋଶେଫ୍ ନିଜ ଭଇମାନଙ୍କ ମଧ୍ୟରୁ ଏକ ମହତ୍ୱପୂର୍ଣ୍ଣ ବ୍ୟକ୍ତି ହେବେ ।



2

ଯୋଶେଫଙ୍କର ଦ୍ୱୀତୀୟ ସ୍ୱପ୍ନରେ, ସୂର୍ଯ୍ୟ, ଚ଼ନ୍ଦ୍ର ଓ ତାରାଗଣ ତାଙ୍କୁ ପ୍ରଣାମ କଲେ । ଏପରିକି ନିଜର ପିତା ଯାକୁବ ମଧ୍ୟ ତାଙ୍କ ଉପରେ କ୍ରୋଧ କଲେ କାରଣ ସେ ନିଜକୁ ନିଜ ପିତାମାତା ଓ ଭାଇମାନଙ୍କ ଉପରେ ନିଜକୁ ସ୍ଥାପନ କରୁଥିଲେ ।



3

ଦିନେ ଯାକୁବ ନିଜର ପୁତ୍ର ଯୋଶେଫ୍‌ଙ୍କୁ ତାଙ୍କ ଭାଇମାନଙ୍କ ମେଷ ଚ଼ରାଉଥିବା ସ୍ଥାନକୁ ପଠାଇଲେ । ତାଙ୍କ ଭାଇମାନେ ତାଙ୍କ ଆସିବାର ଦେଖିଲେ । ଆସ ଆମ୍ଭେ ଏହି ସ୍ୱପ୍ନ ଦର୍ଶକକୁ ବଧ କରିବା, ସେମାନେ ପରଷ୍ପର କହିଲେ । ଯୋଶେଫ୍ ନିଜ ଆଗରେ ଥିବା ବିପଦ ବିଷୟରେ ଅଭିଜ୍ଞ ଥିଲେ ।



4

ରବେନ୍, ସେମାନଙ୍କର ବଡ଼ଭାଇ ଅସମ୍ମତ ହେଲେ । ସେ କହିଲେ, ଆମ୍ଭମାନେ ନିଶ୍ଚିତ ଭାବରେ ରକ୍ତପାତ କରିବା ନାହିଁ । ଦେଖ ଏଠାରେ ଏକ ଗର୍ତ୍ତ ଅଛି । ସେ ସେଠାରେ ମରିଯାଉ, ରବେନ୍ କିନ୍ତୁ ପାହାନ୍ତା ସମୟରେ ତାଙ୍କୁ ଉଦ୍ଧାର କରିବା ନିମନ୍ତେ ଯୋଜନା କରିଥିଲେ ।



5

ଯେତେବେଳେ ଯୋଶେଫ୍ ପହଞ୍ଚିଲେ, ତାଙ୍କ ଭାଇମାନେ ତାଙ୍କୁ ଧରିପକାଇଲେ, ଓ ତାଙ୍କର ନାନାରଙ୍ଗର ଅଙ୍ଗରଖା କଢ଼ିପାକାଇଲେ ଯାହାକି ଯାକୁବ ତାଙ୍କ ପିତା ତାଙ୍କର ଅତି ଆଦରର ପୁତ୍ର ନିମନ୍ତେ ଅଲଗା ଭାବରେ ପ୍ରସ୍ତୁତ କରି ଦେଇଥିଲେ । ସେମାନେ ତାଙ୍କୁ ସେହି ଅନ୍ଧାରୁଆ ଗର୍ତ୍ତରେ ପକାଇ ଦେଲେ ।



6

ଯେତେବେଳେ ରବେନ୍ ନଥିବା ସମୟରେ, ସେହି ପଥଦେଇ ଏକ ଓଟଦଳ ସୁଦୂର ମିଶରକୁ ଯାତ୍ରା କରୁଥିଲେ । ଆସ ଆମ୍ଭମାନେ ଯୋଶେଫ୍‌ଙ୍କୁ ବିକ୍ରୟ କରିଦେଉ, ଯିହୁଦା ଭାଇମାନଙ୍କୁ କହିଲା ।



7

ସେମାନଙ୍କ ସହିତ ଚୁକ୍ତି ହୋଇଗଲା ଓ ସେମାନେ ରୌପ୍ୟମୁଦ୍ରା ବଦଳରେ ବିକ୍ରୀ କରିଦେଲେ ।



8


ଭୟ ଓ ଅଶ୍ରୁଜଳରେ, ଯୋଶେଫ୍ ଅସହାୟତାରେ ଅନାଇଲେ ଯେତବେଳେ ସେହି ଓଟଦଳ ଯୋଶେଫଙ୍କୁ ନିଜ ପରବାର ଓ ନିଜ ଦେଶରୁ ଦୂରକୁ ନେଇଗଲେ ।
9


ଏହା କି ଯୋଶେଫ୍‌ଙ୍କର ଅଙ୍ଗରଖା, ଏହା ରକ୍ତାକ୍ତ ଅଟେ । ଆମ୍ଭେମାନେ ଏହା ପ୍ରାନ୍ତରରେ ପାଇଲୁ । ନିର୍ଦୋଯ ଭାଇମାନେ ନିଜର ଭାଇ ଯାକୁବଙ୍କୁ ଜଙ୍ଗଲର କୌଣିସି ଏକ ହିଁସ୍ରଯନ୍ତୁ ତାଙ୍କର ଅତି ଆଦରର ପୁତ୍ରଙ୍କୁ ବଧ କରିଅଛି ବୋଲି ନିଜର ପିତାଙ୍କୁ ବିସ୍ୱାସ କରାଇଲେ । ଯାକୁବ ତାଙ୍କର ବସ୍ତ୍ରକୁ ଚିରିପାକାଇ ରୋଦନ କଲେ । କେହିମଧ୍ୟ ତାଙ୍କୁ ସନ୍ତନା ଦେଇପାରିଲେ ନାହିଁ ।
10


ମିଶର ଦେଶରେ, ଯୋଶେଫ୍ ନିଶ୍ଚିତ ଭାବରେ ଭୟ ଓ ଏକାକି ହୋଇଥିବେ । ହୋଇପାରେ ସେ ନିଜର ଗୃହକୁ ମନେ ପକାଇଲେ । କିନ୍ତୁ ସେ ଖସି ଯାଇପାରିବେ ନାହିଁ । ସେ ପୋଟିଫର, ଏକ ମହତ୍ୱପୂର୍ଣ୍ଣ ମିଶ୍ରୀୟ ବ୍ୟକ୍ତିଙ୍କ ଗୃହରେ କ୍ରୀତଦାସ ଥିଲେ । ପୋଟିଫର୍ ଯୋଶେଫଙ୍କୁ ସର୍ବଦା କଠିନ ପରିଶ୍ରମି ଓ ନିର୍ଭରଯୋଗ୍ୟ ଦେଖିଲେ ।
11


ତୁମେ ଯାହାକିଛି କର ସମସ୍ତ ଉତ୍ତମ ହୋଇଯାଏ, ଦୀନେ ପୋଟିଫର୍ ଯୋଶେଫଙ୍କୁ କହିଲେ । ପରମେଶ୍ୱର ତୁମ୍ଭ ସହିତରେ ଅଛନ୍ତି । ମୁଁ ଚାହେଁ ତୁମ୍ଭେ ମୋହର ମୁଖ୍ୟ ପରିଚାରକ ଭାବେ କାର୍ଯ୍ୟ କର, ତୁମ୍ଭ ମୋହର ସମସ୍ତ କାରବାର ଓ ସମସ୍ତ ସେବକ ମାନଙ୍କର ପ୍ରଭୁ ହେବ ।
12


ଯୋଶେଫଙ୍କ ନିମନ୍ତେ ପରମେଶ୍ୱର ପୋଟିଫରଙ୍କୁ ଭଲ ଫସଲ ଓ ଧନ ସଂପତ୍ତି ଦେଲେ । ବର୍ତ୍ତମାନ୍ ସେ ଏକ ମହତ୍ୱପୂର୍ଣ୍ଣ ବ୍ୟକ୍ତି ଅଟନ୍ତି, ଯୋଶେଫ୍ କିନ୍ତୁ ନିରନ୍ତର ବିଶ୍ୱସ୍ତତାରେ ପରମେଶ୍ୱରଙ୍କ ଉପରେ ନିର୍ଭର ଓ ସେବା କରୁଥିଲେ । କିନ୍ତୁ ଦୁଃଖର ସମୟ ଯୋଶେଫଙ୍କ ଜୀବନରେ ଆସିଲା ।
13


ପୋଟିଫରଙ୍କ ସ୍ତ୍ରୀ ଏକ ଦୁଷ୍ଟା ସ୍ତ୍ରୀ ଥିଲେ । ସେ ଯୋଶେଫଙ୍କୁ ପୋଟିଫର୍, ତାଙ୍କ ସ୍ୱାମିଙ୍କ ସ୍ଥାନ ନେବାକୁ କହିଲେ । ଯୋଶେଫ ମନାକଲେ । ସେ ପୋଟିଫରଙ୍କର ଅନ୍ୟାୟ କରି ପରମେଶ୍ୱରଙ୍କ ବିରୁଦ୍ଧରେ ପାପ କରିବେ ନାହିଁ ।
14













ଏକ ଅତି ଆଦରର ପୁତ କ୍ରୀତଦାସ ହୋଇଗଲା

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ଆଦିପୁସ୍ତକ ୩୭, ଆଦିପୁସ୍ତକ ୩୯

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର
କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ
ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ ।
ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍
ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚ଼ାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ,
ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ
ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ
ତୁମ୍ଭଠାରେ ଚ଼ିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା
ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ
ସହିତ କଥୋପକଥନ ହୁଅନ୍ତୁ ।